# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ବାଲେଶ୍ୱର

R.B.I. License No.RPCD/Bhubaneswar/02/2009-10

ବିଜ୍ଞପ୍ତି ନଂ ୧୦୪୦୭ ତା ୧୮.୦୩.୨୦୨୫ ରିଖ

## ସଂଶୋଧିତ ୫୨ତମ ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି

ଏତଦ୍ୱାରା ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟ/ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, **ବିଶେଷ କାରଣ ବଶତଃ ବ୍ୟାଙ୍କର ୫୨ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୨୬.୦୩.୨୦୨୫ ରିଖ ପରିବର୍ତ୍ତେ ତା ୨୮.୦୩.୨୦୨୫ ରିଖ, ଶୁକ୍ରବାର ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ବାଲେଶ୍ୱର ସହର ର ***"ବ୍ରିଟ କଲ୍ୟାଣ ମଣ୍ଡପ, ବାଲେଶ୍ୱର"*** ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଉକ୍ତ ସଭାରେ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

**ସଭାର କାର୍ଯ୍ୟକ୍ରମ :**

୧. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୧ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ ।

୨. ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୨ତମ ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।

୩.ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୨୦୨୩-୨୪ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ଓ ତତ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ ।

୪.ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ୨୦୨୫-୨୬ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳ /ବଜେଟ ଓ କାର୍ଯ୍ୟକାରୀ ଉନ୍ନୟନ ଯୋଜନାକୁ ରାଜ୍ୟ ସମବାୟ ବ୍ୟାଙ୍କକୁ ପ୍ରେରିତ ସମ୍ବନ୍ଧରେ ଅନୁମୋଦନ ।

୫.ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଆର୍ଥିକ ବର୍ଷ ୨୦୨୩-୨୪ ହୋଇଥିବା ନିଟ ଲାଭର ବଣ୍ଟନ ।

୬.ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନାମରେ ଭଦ୍ରକ ଜିଲ୍ଲାରେ ଥିବା ଅବ୍ୟବହୃତ ଜମି ନିଲାମ ମାଧ୍ୟମରେ ବିକ୍ରୟ କରିବା ପ୍ରସ୍ତାବକୁ ଅନୁମୋଦନ ।

୭.ପ୍ରସ୍ତାବିତ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ଶାଖା ଭଦ୍ରକ, ଭବନ ନିର୍ମାଣ ଉପରେ ବିଚାର ଏବଂ ଅନୁମୋଦନ ।

୮.ସଭାପତିଙ୍କ ଅନୁମତିକ୍ରମେ ଅନ୍ୟାନ୍ୟ ।

**ସଭାପତିଙ୍କ ଆଦେଶାନୁକ୍ରମେ**

**ମୂଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର : ପ୍ରତ୍ୟେକ ପ୍ରତିନିଧି ମାନଙ୍କୁ ***"ବ୍ରିଟ କଲ୍ୟାଣ ମଣ୍ଡପ, ବାଲେଶ୍ୱର"*** ପ୍ରାଙ୍ଗଣରେ **ତା୨୮.୦୩.୨୦୨୫ ରିଖ**, ଶୁକ୍ରବାର **ପୂର୍ବାହ୍ନ ୧୦.୦୦ ଘଟିକା** ଠାରୁ ନିଜର ନାମ ସମିତି ନିର୍ଦ୍ଧାରଣର ଅବିକଳ ନକଲ ସହ ପଞ୍ଜିକରଣ କରିବାକୁ ଅନୁରୋଧ କରାଗଲା ।

**ପରିପତ୍ର ସଂଖ୍ୟା ନଂ ୧୦୪୦୮ (୪୩୦) ତା ୧୮.୦୩.୨୦୨୫ ରିଖ**

ଏହାର ପ୍ରତିଲିପି ଅନୁବନ୍ଧିତ ସମସ୍ତ ସମବାୟ ସମିତିର ସଭାପତି/ ପ୍ରଶାସକ ମାନଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା । ଏଥିସହ ଏହା ସ୍ପଷ୍ଟ କରିଦିଆଗଲାକି, ପ୍ରତ୍ୟେକ ସମବାୟ ସମିତିରୁ ଜଣେ ମାତ୍ର ସ୍ବୀକୃତିପ୍ରାପ୍ତ ପ୍ରତିନିଧିଙ୍କୁ ସଭାରେ ଯୋଗଦାନ ପାଇଁ ଅନୁରୋଧ କରାଗଲା ।

**ମୂଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

**ପରିପତ୍ର ସଂଖ୍ୟା ନଂ ୧୦୪୦୯ (୧୦) ତା ୧୮.୦୩.୨୦୨୫ ରିଖ**

ଏହାର ପ୍ରତିଲିପି ସମବାୟ ସମିତି ସମୂହର ନିବନ୍ଧକ ଭୁବନେଶ୍ୱର / ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର /ସମବାୟ ସମିତି ସମୂହର ଉପନିବନ୍ଧକ, ବାଲେଶ୍ୱର ଓ ଭଦ୍ରକ / ଜିଲ୍ଲା ଉନ୍ନୟନ ଅଧିକାରୀ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ ବାଲେଶ୍ୱର/ ଭଦ୍ରକ / ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବାଲେଶ୍ୱର/ ଭଦ୍ରକ/ ନିଳଗିରି/ ସମବାୟ ସମିତି ସମୂହର ସହକାରୀ ସମୀକ୍ଷା ଅଧିକାରୀ, ବାଲେଶ୍ୱରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା ।

**ମୂଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

**ପରିପତ୍ର ସଂଖ୍ୟା ନଂ ୧୦୪୧୦ (୧୫) ତା ୧୮.୦୩.୨୦୨୫ ରିଖ**

ଏହାର ପ୍ରତିଲିପି ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାଲେଶ୍ୱର ର ପରିଚାଳନା ପରିଷଦର ସଭାପତି, ଉପସଭାପତି ଏବଂ ସମସ୍ତ ନିର୍ଦ୍ଦେଶକ/ ନିର୍ଦ୍ଦେଶିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା ।

**ମୂଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**